ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**ସପ୍ତାହ ସଂଖ୍ୟା -୦୧**

Deepanjali Dugal,
Jr. Agrometeorologist

ବୁଲେଟିନ ନମ୍ବର :୦୨
ତାରିଖ : ୦୫.୦୧.୨୦୨୪
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୩୦.୧୨.୨୦୨୩ ରୁ ୦୫.୦୧.୨୦୨୪)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୭.୬-୨୮.୯ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୩.୩-୧୫.୭ |

**ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 06-01-2024 | 0 | 28 | 14 | 0 | 77 | 29 | 6 | 120 |
| 07-01-2024 | 0 | 28 | 15 | 1 | 82 | 29 | 7 | 124 |
| 08-01-2024 | 0 | 27 | 16 | 2 | 79 | 31 | 6 | 116 |
| 09-01-2024 | 0 | 27 | 15 | 1 | 68 | 32 | 4 | 180 |
| 10-01-2024 | 0 | 27 | 15 | 1 | 78 | 32 | 5 | 158 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଆକାଶ ପରିଷ୍କାରରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୪-୦୭ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୭°c -୨୮°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୪°c -୧୬°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୮ ରୁ ୮୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୯ ରୁ ୩୨ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ଧାନ ତଳି ଉପାଡିବାର ୨-୩ଦିନ ପୂର୍ବରୁ ତଳିଘେରାରେ ୨-୩ସେମି ପର୍ଯ୍ୟନ୍ତ ଠିଆ ପାଣି ବାନ୍ଧି ରଖନ୍ତୁ ।
- ଶିତ ଲହରୀରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ତଳିଘେରାକୁ ବୋରେୱେଲ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟିକୁ ଓଦା ରଖନ୍ତୁ।
- ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବାରେ ଜଳ ସେଚନ କରନ୍ତୁ ।
- ସଅଳ ଲଗାଯାଇଥିବା ଆଳୁ ଫସଲ ଏବେ ୩ ସପ୍ତାହ ଅବଧିରେ ଅଛି। କୋଡାଖୋସା ଏବଂ ଘାସ ବାଛି ୩୦-୪୫ କିଗ୍ରା ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ।

**ଡାଲୁଅ ଧାନ:**

ଧାନ ତଳି ଓପାଡିବା ୭ ଦିନ ପୂର୍ବରୁ ପ୍ରତି ୧୦ ଡେସିମିଲ ତଳିଘେରାରେ ୮୦୦ଗ୍ରାମ **Cartap Hydrochloride 4G** ଦାନାଦାର କୀଟନାଶକ କିମ୍ଵା ୪୦୦ଗ୍ରାମ **Chlorantraniliprole** ଦାନାଦାର କୀଟନାଶକ, ପ୍ରୟୋଗ କରନ୍ତୁ । ଦାନାଦାର କୀଟନାଶକ ପ୍ରୟୋଗ କରିବା ଦ୍ୱାରା ଧାନ ରୋଇବାର ୩ ସପ୍ତାହ ପର୍ଯ୍ୟନ୍ତ, କାଣ୍ଡବିନ୍ଧା, ଚେରଗଣ୍ଠି ସୂତ୍ରକୃମି, ବଙ୍ଗୀ ଓ ପତ୍ରମୋଡା ତଥା ନଳୀ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରାଯାଇ ପାରିବ ।

**ଚିନାବାଦାମ:**

ଚିନାବାଦାମରେ ଧବଳଭୃଙ୍ଗ ପୋକର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ମିଲି **Chloropyriphous** କିମ୍ବା ୧ ମିଲି **Imidacloprid** ୩୦.୫ **sc** ମିଶାଇ ଗଛ ମୂଳକୁ ଭିଜନ୍ତୁ ।

**ଆଖୁ:**

ନାଲିସଢା ରୋଗ ନହେବା ପାଇଁ **CO-7219, CO-8371, CO-8013, CO-8014, CO-6907, CO-7601** ଓ **CO- 7602** କିସମ ଚୟନ କରନ୍ତୁ । ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିହାତି ଜରୁରୀ । ବିହନ ବିଶୋଧନ କରିବା ପାଇଁ ପ୍ରଥମେ ୧୦୦-ଲିଟର ପାଣିରେ ୧୫୦-ଗ୍ରାମ **Carbendazim,** ୨୦୦-ମିଲି **Chlorpyriphos** ଓ ୧କିଲୋଗ୍ରାମ ୟୁରିଆ ସାର ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏହି ଦ୍ରବଣରେ ଆଖୁଖଣ୍ଡ ଗୁଡିକୁ ୩୦ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ । **Chlorpyriphos** କୀଟନାଶକକୁ ମାଟିରେ ପ୍ରୟୋଗ କରୁଥିଲେ ଏହି ଦ୍ରବଣ ରେ ମିଶାନ୍ତୁ ନାହିଁ ।

**ଟମାଟୋ:**

ବର୍ତ୍ତମାନ ସମୟରେ କୁହୁଡିଆ ପାଗ ଯୋଗୁଁ ଟମାଟୋରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ନିମ୍ବ ଆଧାରିତ ତେଲ **@** ୬୦୦ ପିପିଏମ କିମ୍ବା **Flonicam @** ୭୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ବାଇଗଣ:**

ବାଇଗଣ ଫସଲରେ ଧଳା ମାଛିକୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଠଠା ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଠବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ **PPM Azadirachtin** କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଫସଲରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୪୦ ଗ୍ରାମ **Thiamethoxam** ନାମକ କୀଟନାଶକ କିମ୍ବା ୨୦୦ ମିଲି **Pyriproxifen** ନାମକ କୀଟନାଶକ କିମ୍ବା ୨୫୦ ମିଲି **Spiromesifen** ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପିଆଜ**:

ପିଆଜ ତଳିଗୁଡିକ ୧୨ ରୁ୧୫ ସେ.ମି. ଉଚ୍ଚା କିମ୍ବା ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ପିଆଜ ତଳି ରୋଇବା ପୂର୍ବରୁ ଏକର ପ୍ରତି ୧୦ ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ, ୫୨ କିଲୋଗ୍ରାମ ଡିଏପି, ୨୦ କିଲୋଗ୍ରାମ ୟୁରିଆ , ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ଏବଂ ୨୦ କିଲୋଗ୍ରାମ ସଲଫର ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଧାଡି କୁ ଧାଡି ୧୫ ସେ.ମି. ଏବଂ ଗଛ କୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଉପର ବେଳା ତଳି ରୋପଣ କରନ୍ତୁ ।

**ରଜନିଗନ୍ଧା:**

ରଜନୀଗନ୍ଧାରେ ବର୍ତମାନ ସମୟରେ ପତ୍ରପୋଡା, ମୂଳ ଶଢା ଓ ଚେର ଗଣ୍ଠି ସୂତ୍ରକୃମି ଲାଗିବାର ସମ୍ଭାବନା ଅଛି । ପତ୍ରପୋଡା ନିୟନ୍ତ୍ରଣ ପାଇଁ **Fenamidone** ୧୦% + **Mancozeb** ୫୦% **WDG** @ ୩ ଗ୍ରାମ କିମ୍ବା **Cymoxanil** ୮% + **Mancozeb** ୬୪% **WP** @ ୨ ଗ୍ରାମ, ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳ ଶଢା ପାଇଁ **carbendazim** ୧୨% + **mancozeb** ୬୩% **WP**@ ୨ ଗ୍ରାମ, ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଚେର ଗଣ୍ଠି ସୂତ୍ର କୃମି ପାଇଁ ଏକର ପ୍ରତି **carbofuran** ୩% @ ୨୪ କେଜି ସିଞ୍ଚନ କରନ୍ତୁ ।

**ପଶୁ ସମ୍ପଦ:**

ଗାଇଗୋରୁ ମାନଙ୍କୁ **FMD, Haemorrhagic Septicaemia, Black Quarter, Enterotoxemia** ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । ଶୀତ ଋତୁ ରେ ଗାଇଗୋରୁ ମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**